# NATIONAL NEWS BULLETIN (ODIA)

**13 January - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସୋନମାର୍ଗ ସୁଡ଼ଙ୍ଗ ପ୍ରକଳ୍ପକୁ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କଲେ ପ୍ରଧାନମନ୍ତ୍ରୀ ।

- ପ୍ରୟାଗରାଜଠାରେ ଆରମ୍ଭ ହେଲା ମହାକୁମ୍ଭମେଳା

–ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇଲେ ଲକ୍ଷାଧିକ ଶ୍ରଦ୍ଧାଳୁ

- ମିଶନ ମୌସମର ଆସନ୍ତାକାଲି ହେବ ଶୁଭାରମ୍ଭ

- ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାର କାର୍ଯ୍ୟକାରିତା ନେଇ ଆଜି କେନ୍ଦ୍ର ସହ ବୁଝାମଣାପତ୍ର ସ୍ୱାକ୍ଷର କରିବେ ଓଡ଼ିଶା ସରକାର

ଏବଂ

- ହକି ଇଣ୍ଡିଆ ଲିଗ୍ ମହିଳା ବର୍ଗରେ ଆଜି ଶ୍ରାଚୀ ରାଢ଼ା ବେଙ୍ଗଲ ଟାଇଗର୍ସ'ଜେଏସ୍‌ଡବ୍ଲୁ ସୁର୍ମା ହକି କ୍ଲବ୍‌କୁ ଭେଟିବ ।

---

## ପି.ଏମ୍. - ସୋନମାର୍ଗ ଟନେଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କାଶ୍ମୀରର ଗଣ୍ଡେରୱାଲ ଜିଲ୍ଲାରେ ନିର୍ମିତ ସୋନମାର୍ଗ ସୁଡ଼ଙ୍ଗ ପ୍ରକଳ୍ପକୁ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ସୁଡ଼ଙ୍ଗ ବୁଲି ଦେଖିବା ସହ ପ୍ରକଳ୍ପରେ ନିୟୋଜିତ ନିର୍ମାଣ ଶ୍ରମିକ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ସହ ମତ ବିନିମୟ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ, ଡକ୍ଟର ଜିତେନ୍ଦ୍ର ସିଂ, ଜମ୍ମୁକାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା, ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ପ୍ରମୁଖ ଉପସ୍ଥିତ ଥିଲେ ।

ଏହି ସୁଡ଼ଙ୍ଗ ଶ୍ରୀନଗର ଓ ସୋନମାର୍ଗ ଦେଇ ଲେହକୁ ସବୁଦିନିଆ ସଂଯୋଗ କରିବ । ୨୦୧୫ ମସିହାରୁ ଆରମ୍ଭ ହୋଇଥିବା ୧୨ କିଲୋମିଟର ଦୀର୍ଘତା ବିଶିଷ୍ଟ ସୋନାମାର୍ଗ ସୁଡ଼ଙ୍ଗ ପ୍ରକଳ୍ପ ପାଇଁ ୨ ହଜାର ୭ ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇଛି । ଏହି ସୁଡ଼ଙ୍ଗ ଭୂସ୍ଖଳନ ଏବଂ ବରଫ ଅତଡ଼ା ଖସୁଥିବା ବିପର୍ଯ୍ୟରୁ ଯାତ୍ରୀମାନଙ୍କୁ ସୁରକ୍ଷା ପ୍ରଦାନ କରି ଲଦାଖ ଅଞ୍ଚଳକୁ ଯାତାୟାତ ସୁଗମ କରିବ ।
ସୋନାମାର୍ଗକୁ ଏହା ସବୁଦିନିଆ ରାସ୍ତା ହୋଇଥିବାରୁ ଶୀତଦିନିଆ ପର୍ଯ୍ୟଟନର ବିକାଶ ସହ ଦୁଃସାହସିକ କ୍ରୀଡ଼ା ଏବଂ ସ୍ଥାନୀୟ ଜନସାଧାରଣଙ୍କ ରୋଜଗାର ବୃଦ୍ଧିରେ ସହାୟକ ହେବ । ବିଶେଷକରି ଶ୍ରୀନଗର ଉପତ୍ୟକା ସହ ଲଦାଖ ଅଞ୍ଚଳର ଯୋଗାଯୋଗ ସହଜ ହୋଇପାରିବ । ଏହାଫଳରେ ଜମ୍ମୁ ଓ କାଶ୍ମୀର ମଧ୍ୟରେ ସେନାବାହିନୀର ଯାତାୟାତ, ଅର୍ଥନୈତିକ ବିକାଶ ଏବଂ ସାମାଜିକ-ସାଂସ୍କୃତିକ ଏକତା ବୃଦ୍ଧି ପାଇବ । ଅତ୍ୟାଧୁନିକ ଯାନ୍ତ୍ରିକ କୌଶଳରେ ନିର୍ମିତ ଏହି ସୁଡ଼ଙ୍ଗ ପ୍ରକଳ୍ପର ସଫଳତା ନିର୍ମାଣାଧୀନ ଯୋଜିଲା ସୁଡ଼ଙ୍ଗ ପ୍ରକଳ୍ପ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବ ।

---

## ମହାକୁମ୍ଭ ମେଳା

ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ଆଜି ପୌଷପୂର୍ଣ୍ଣିମା ଅବସରରେ ଅମୃତ ସ୍ନାନ ସହିତ ମହାକୁମ୍ଭମେଳା ଆରମ୍ଭ ହୋଇଛି ।  ଗଙ୍ଗା, ଯମୁନା ଓ

ସରସ୍ୱତୀ ନଦୀର ସଙ୍ଗମସ୍ଥଳୀ ତ୍ରିବେଣୀଠାରେ ଲକ୍ଷଲକ୍ଷ ଶ୍ରଦ୍ଧାଳୁ ବୁଡ଼ ପକାଉଛନ୍ତି ।  ମହାକୁମ୍ଭରେ ଯୋଗ ଦେବା ପାଇଁ ଦେଶ ବିଦେଶରୁ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ପ୍ରୟାଗରାଜରେ ପହଞ୍ଚିବାରେ ଲାଗିଛନ୍ତି । ଆସନ୍ତା ମାସ ୨୬ ତାରିଖ ମହାଶିବରାତ୍ରି ପର୍ଯ୍ୟନ୍ତ ଏହା ଚାଲିବ । ୧୪୪ ବର୍ଷରେ ମାତ୍ର ଥରେ ପଡୁଥିବା ବିରଳ ସଂଯୋଗ ଚଳିତବର୍ଷର ମହାକୁମ୍ଭ ମେଳାର ବିଶେଷତ୍ୱକୁ ଅଧିକ ଗୁରୁତ୍ୱ ପ୍ରଦାନ କରିଛି । ବୁଡ଼ ପକାଇବା ସହିତ ଶ୍ରଦ୍ଧାଳୁ ସଙ୍ଗମରେ କଳ୍ପବାସର ପ୍ରାଚୀନ ପରମ୍ପରାକୁ ପାଳନ କରୁଛନ୍ତି । ମାଘ ପୂର୍ଣ୍ଣିମା ପର୍ଯ୍ୟନ୍ତ ଶ୍ରଦ୍ଧାଳୁ କଳ୍ପବାସ ପାଳନକୁ ଅତ୍ୟନ୍ତ ନିଷ୍ଠା ଓ ଶ୍ରଦ୍ଧାର ସହ ନିର୍ବାହ କରିବେ । ମହାକୁମ୍ଭକୁ ଶାନ୍ତିଶୃଙ୍ଖଳାର ସହ ସଂପନ୍ନ କରିବା ଲାଗି ବହୁବିଧ ପଦକ୍ଷେପ ଗ୍ରହଣ କରାଯାଇଛି ।

କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଗତକାଲି ପ୍ରୟାଗରାଜରେ କଳାଗ୍ରାମକୁ ଉଦ୍‌ଘାଟନ କରିଛନ୍ତି ।  ଆସନ୍ତା ୪୫ ଦିନ ମଧ୍ୟରେ କଳାଗ୍ରାମରେ ୧୪ହଜାରରୁ ଅଧିକ କଳାକାର ସେମାନଙ୍କର କଳାନୈପୁଣ୍ୟ ପ୍ରଦର୍ଶନ କରିବେ ।

# ପିଏମ୍-ଆଇଏମ୍‌ଡି

ଭାରତକୁ ଏକ ପାଣିପାଗ ପ୍ରସ୍ତୁତ ଏବଂ ଜଳବାୟୁ ସ୍ମାର୍ଟ ରାଷ୍ଟ୍ରରେ ପରିଣତ କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ମିଶନ୍ ମୌସମର ଶୁଭାରମ୍ଭ କରିବେ । ଏହି ମିଶନର ଲକ୍ଷ୍ୟ ହେଉଛି ଅତ୍ୟାଧୁନିକ ପାଣିପାଗ ନିରୀକ୍ଷଣ ପ୍ରଯୁକ୍ତିବିଦ୍ୟା ଏବଂ ପ୍ରଣାଳୀ ବିକଶିତ କରି ଉଚ୍ଚ କ୍ଷମତାର ବାୟୁମଣ୍ଡଳୀୟ ପର୍ଯ୍ୟବେକ୍ଷଣ, ନୂଆ ପିଢ଼ିର ରାଡାର ଓ ଉପଗ୍ରହ ଏବଂ ଉଚ୍ଚକ୍ଷମତାସଂପନ୍ନ କମ୍ପ୍ୟୁଟର କାର୍ଯ୍ୟକାରୀ କରି ଲକ୍ଷ୍ୟ ହାସଲ କରିବା । ଭାରତୀୟ ପାଣିପାଗ ବିଭାଗ–ଆଇଏମ୍‌ଡିର ୧୫୦ତମ ପ୍ରତିଷ୍ଠା

ଦିବସ ପାଳନ ଅବସରରେ ନୂଆଦିଲ୍ଲୀରେ ଆସନ୍ତାକାଲି ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ପାଣିପାଗ ସ୍ଥିରତା ଏବଂ ଜଳବାୟୁ ପରିବର୍ତ୍ତନ ଅନୁକୂଳ ପାଇଁ ଆଇଏମ୍‌ଡି ଭିଜନ-୨୦୪୭ର ଡକୁମେଣ୍ଟକୁ ମଧ୍ୟ ଉନ୍ମୋଚନ କରିବେ । ଏହି ଭିଜନ ଡକୁମେଣ୍ଟରେ ପାଣିପାଗର ସଠିକ୍ ପୂର୍ବାନୁମାନ, ପାଣିପାଗ ପରିଚାଳନା ଏବଂ ଜଳବାୟୁ ପରିବର୍ତ୍ତନ ଜନିତ ବିପର୍ଯ୍ୟୟ ପ୍ରଶମନ ପାଇଁ ଯୋଜନା ଅନ୍ତର୍ଭୁକ୍ତ ରହିଛି ।

## ଲୋହରୀ

କୃଷିଭିତ୍ତିକ ପର୍ବ ଲୋହରୀ ଆଜି ଉତ୍ତରଭାରତ ବିଶେଷକରି ପଞ୍ଜାବ, ହରିଆଣା, ହିମାଚଳପ୍ରଦେଶ, ଦିଲ୍ଲୀ, ଜମ୍ମୁ ଏବଂ ଚଣ୍ଡୀଗଡ଼ରେ ପାଳନ କରାଯାଉଛି । ପ୍ରଚଳିତ ପ୍ରଥା ଅନୁଯାୟୀ ଲୋକମାନେ ସୌଭାଗ୍ୟ ପ୍ରାପ୍ତି ଉଦ୍ଦେଶ୍ୟରେ ନିଆଁ ଜାଳି ପର୍ବ ପାଳନ କରିଥାନ୍ତି । ଏହି ପର୍ବ ମୁଖ୍ୟତଃ ଫସଲ ଅମଳ ସହିତ ଜଡ଼ିତ ।

ଲୋହରୀ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଅଭିନନ୍ଦନ ଜଣାଇଛନ୍ତି । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଲୋହରୀ ପର୍ବ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ଶାହା, ଏହି ପର୍ବ ସମସ୍ତଙ୍କ ପାଇଁ ସୁଖ ଏବଂ ସମୃଦ୍ଧି ଆଣିଦେଉ ବୋଲି କାମନା କରିଛନ୍ତି ।

## ଆର୍ମି ଚିଫ୍ ସମୀକ୍ଷା

ଭାରତର ଉତ୍ତର ସୀମାରେ ପରିସ୍ଥିତି ସମ୍ବେଦନଶୀଳ ରହିଥିଲେ ହେଁ ସ୍ଥିର ରହିଛି ବୋଲି ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି। ତେବେ ଯେକୌଣସି ପ୍ରତିକୂଳ ପରିସ୍ଥିତିର ମୁକାବିଲା ପାଇଁ

ସେନାବାହିନୀ ପ୍ରସ୍ତୁତ ଅଛନ୍ତି ଏବଂ ସୀମାବର୍ତ୍ତୀ ଅଞ୍ଚଳରେ ,କ ଦୃଢ଼ ଭିତ୍ତିଭୂମି ନିର୍ମାଣ କରିବା ଭାରତୀୟ ସେନାର ପ୍ରମୁଖ ପ୍ରାଥମିକତା ବୋଲି ଜେନେରାଲ ଦ୍ୱିବେଦୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

ଆଜି ନୂଆଦିଲ୍ଲୀରେ ଭାରତୀୟ ସେନା ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଜେନେରାଲ ଦ୍ୱିବେଦୀ କହିଛନ୍ତି ଯେ ଜମ୍ମୁ-କଶ୍ମୀର ଅଞ୍ଚଳରେ ପରିସ୍ଥିତି ନିୟନ୍ତ୍ରଣରେ ଅଛି ଏବଂ ଏହା ଆତଙ୍କବାଦରୁ ପର୍ଯ୍ୟଟନ ଆଡ଼କୁ ମୁହାଁଉଛି । ସେ କହିଛନ୍ତି, ଗତବର୍ଷ ନିପାତ ହୋଇଥିବା ଆତଙ୍କବାଦୀଙ୍କ ମଧ୍ୟରୁ ୬୦ ଜଣ ପାକିସ୍ତାନ ସମର୍ଥିତ ଥିଲେ । ଆତଙ୍କବାଦୀ ବିରୋଧୀ ଅଭିଯାନର ସଫଳତା କାଶ୍ମୀରର ଲୋକମାନେ ଶାନ୍ତି ସପକ୍ଷରେ ଥିବା ସୂଚାଉଛି ବୋଲି ସେ କହିଛନ୍ତି ।

ମଣିପୁରର ସାଂପ୍ରତିକ ପରିସ୍ଥିତି ବିଷୟରେ ସୂଚନା ଦେଇ ସେନା ମୁଖ୍ୟ କହିଛନ୍ତି ଯେ ସୁରକ୍ଷା ବାହିନୀର ସମ୍ମନ୍ୱିତ ପ୍ରୟାସ ଏବଂ ସକ୍ରିୟ ସରକାରୀ ପଦକ୍ଷେପ ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିପାରିଛି ।

---

## ଆୟୁଷ୍ମାନ ଭାରତ

ନୂଆଦିଲ୍ଲୀଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନସ୍ଥ ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ ସହ ଓଡ଼ିଶା ସରକାର ଆଜି ବୁଝାମଣାପତ୍ର ସ୍ୱାକ୍ଷର କରିବେ । ବିଜ୍ଞାନ ଭବନରେ ଅପରାହ୍ନରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହେବ । ଓଡ଼ିଶାରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହେବ । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ

ହେବ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ଗୁଜରାଟ ଗୁଡ଼ି ଉତ୍ସବ

ଗୁଜରାଟରେ ଗତ ୧୧ ତାରିଖରୁ ଆରମ୍ଭ ହୋଇଥିବା ଅନ୍ତର୍ଜାତୀୟ ଗୁଡ଼ି ମହୋତ୍ସବ ଆସନ୍ତାକାଲି ଉଦ୍‌ଯାପିତ ହେବ । **ସାବଧାନତା ଏବଂ ବଞ୍ଚିବା** ବାର୍ତ୍ତା ନେଇ ଚଳିତବର୍ଷ ଆରମ୍ଭ ହୋଇଥିବା ଏହି ମହୋତ୍ସବରେ ୪୭ଟି ଦେଶର ୧୪୩ ଜଣ ଏବଂ ଭାରତର ୧୧ଟି ରାଜ୍ୟରୁ ୫୨ଜଣ ଗୁଡ଼ି ଉଡାଳୀ ସାମିଲ ହୋଇଛନ୍ତି। ଏଥିରେ ଗୁଜରାଟର ୧୧ଟି ସହରରୁ ୪୧୭ଜଣ ଗୁଡ଼ିପ୍ରେମୀ ମଧ୍ୟ ସେମାନଙ୍କର ଚିତ୍ତାକର୍ଷକ ଗୁଡ଼ି ଉଡ଼ାଣ ଦକ୍ଷତା ପ୍ରଦର୍ଶନ କରୁଛନ୍ତି । ଚଳିତବର୍ଷ ୧୧ଟି ଦେଶର ରାଷ୍ଟ୍ରଦୂତ ଏହି ମହୋତ୍ସବରେ ଯୋଗ ଦେଇଛନ୍ତି । ଏହି ମହୋତ୍ସବ ଏକକାଳୀନ ଅହମ୍ମଦାବାଦ, ଭଦୋଦରା, ସୁରଟ, ରାଜକୋଟ, ଧୋରଡ଼, ଶିବରାଜପୁର ବିଚ୍ ଏବଂ ଷ୍ଟାଚ୍ୟୁ ଅଫ୍ ୟୁନିଟ୍ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଛି । ଗୁଡ଼ିଉଡ଼ା ଜନିତ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଚାଇନିଜ୍ ମାଞ୍ଜାସୂତା ଉପରେ ନିଷେଧାଦେଶ ଜାରି କରିଛନ୍ତି । ଏଥିସହ ପୋଲିସ୍ ଏହି ସୂତା ବିକ୍ରେତାଙ୍କ ଉପରେ କଡ଼ା ନଜର ରଖିଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଯକ୍ଷ୍ମାମୁକ୍ତ ଭାରତ** ଶୀର୍ଷକ ଆଲୋଚନାର ପ୍ରଚାର

କରାଯିବ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଯକ୍ଷ୍ମା ବିଭାଗର ଉପ-ମହାନିର୍ଦ୍ଦେଶକ ପ୍ରଫେସର ଉର୍ବସୀ ବି. ସିଂହ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ  ଯକ୍ଷ୍ମା ସମ୍ବନ୍ଧୀୟ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ  011-23421050  ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆଜି ରାତି ୯ଟା ୩୦ ମିନିଟ୍‌ରେ ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ ।

---

# ପିଏମ୍ ମହାରାଷ୍ଟ୍ର ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ବୁଧବାର ମୁମ୍ବାଇର ନୌସେନା ଡକ୍‌ୟାର୍ଡଠାରେ ୩ ଅଗ୍ରଣୀ ନୌସେନା ଯୁଦ୍ଧ ବିମାନ ଆଇଏନ୍‌ଏସ୍ ସୁରଟ, ଆଇଏନ୍‌ଏସ ନୀଳଗିରି ଏବଂ ଆଇଏନ୍‌ଏସ୍ ବାଘଶିର୍ କୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ପ୍ରତିରକ୍ଷା ଉତ୍ପାଦନ ଏବଂ ସାମୁଦ୍ରିକ ସୁରକ୍ଷାରେ ବିଶ୍ୱରେ ଅଗ୍ରଣୀ ସ୍ଥାନ ହାସଲ ପାଇଁ  ଭାରତର ଲକ୍ଷ୍ୟକୁ ସାକାର କରିବା ଦିଗରେ ଏହି ୩ ନୌସେନା ଯୁଦ୍ଧ ବିମାନ କାର୍ଯ୍ୟକ୍ଷମ ହେବା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ଗସ୍ତ ସମୟରେ ଶ୍ରୀ ମୋଦୀ ନବୀ ମୁମ୍ବାଇର ଖାର୍‌ଘର୍ ଠାରେ ଥିବା ଇସ୍କନ ମନ୍ଦିରକୁ ଉଦ୍‌ଘାଟନ କରିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି ।

---

# ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ମହିଳା ବର୍ଗ ପ୍ରତିଯୋଗିତା ଗତକାଲିଠାରୁ ଝାଡ଼ଖଣ୍ଡର ରାଞ୍ଚିଠାରେ ଆରମ୍ଭ ହୋଇଛି । ଜୟପାଲ ସିଂ ଷ୍ଟାଡିୟମଠାରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚ୍‌ରେ ଓଡ଼ିଶା ୱାରିଅର୍ସ ୪-୦ ଗୋଲ୍‌ରେ ଦିଲ୍ଲୀ ଏସ୍.ଜି. ପାଇପର୍ସଙ୍କୁ ହରାଇ ୩ ପଏଣ୍ଟ ହାସଲ କରିଛି । ଓଡ଼ିଶା ଦଳର ୱିବି ଜାନସେନ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।

ଆଜି ରାଞ୍ଚିଠାରେ ସନ୍ଧ୍ୟା ୬ଟାରେ ଶ୍ରାଚି ରାହା ବେଙ୍ଗଲ୍ ଟାଇଗର୍ସ ଏବଂ ଜେ.ଏସ୍.ଡବ୍ଲୁ ସୁର୍‌ମା ହକି କ୍ଲବ୍ ମଧ୍ୟରେ  ମ୍ୟାଚ୍ ଖେଳାଯିବ । ପୁରୁଷ ବର୍ଗ ପ୍ରତିଯୋଗିତାରେ ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମରେ ଆଜି ରାତି ୮ଟା୧୫ ମିନିଟ୍‌ରେ ତାମିଲନାଡୁ ଡ୍ରାଗନ୍ସ ଏବଂ ଦିଲ୍ଲୀ ଏସ୍.ଜି. ପାଇପର୍ସ ମଧ୍ୟରେ ମୁକାବିଲା ହେବ ।

---

# ଆଇଏସ୍ଏଲ୍ ଫୁଟ୍‌ବଲ

ଇଣ୍ଡିଆନ୍ ସୁପର୍ ଲିଗ୍ ଫୁଟବଲ ପ୍ରତିଯୋଗିତାରେ ଗତକାଲି ଜାମସେଦପୁର ଏଫ୍‌ସି ମୁମ୍ବାଇ ସିଟି ଏଫ୍‌ସିକୁ ପରାସ୍ତ କରିଛି । ମୁମ୍ବାଇ ଫୁଟବଲ୍ ଆରେନା ଠାରେ ଗତକାଲି ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଜାମସେଦପୁର' ମୁମ୍ବାଇ ସିଟି ବିପକ୍ଷରେ ୩-୧ ଗୋଲ୍‌ରେ ବିଜୟୀ ହୋଇଛି । ଆଜି କେରଳା ବ୍ଲାଷ୍ଟର୍ସ ଏଫ୍‌ସି ଏବଂ ଓଡ଼ିଶା ଏଫ୍‌ସି ମଧ୍ୟରେ କୋଚିର ଜବାହରଲାଲ ନେହେରୁ ଷ୍ଟାଡିୟମ୍‌ଠାରେ ରାତି ସାଢ଼େ୭ଟାରେ ମୁକାବିଲା ହେବ ।

---